# ଶୂନ୍ୟ ମୃତାହତ ଉପରେ ଗୁରୁତ୍ୱ

## ବ୍ଲକସ୍ତରୀୟ ବିପର୍ଯ୍ୟୟ ପରିଚାଳନା କର୍ମଶାଳା

ଭଞ୍ଜନଗର,୩।୧୦(ବାବୁଲା ପ୍ରଧାନ)

ଭଞ୍ଜନଗରଠାରେ ବ୍ଲକସ୍ତରୀୟ ବିପର୍ଯ୍ୟୟ ପରିଚାଳନା କର୍ମଶାଳା ମଙ୍ଗଳବାର ବ୍ଲକ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଛି। ବିଡିଓ ଶଶୀଭୂଷଣ ମହାପାତ୍ରଙ୍କ ନିର୍ଦ୍ଦେଶରେ ଅନୁଷ୍ଠିତ କର୍ମଶାଳାରେ ଶୂନ୍ୟ ମୃତାହତ ଉପରେ ଗୁରୁତ୍ୱ ଦିଆଯାଇଛି। ବିପର୍ଯ୍ୟୟ ବେଳେ ଲୋକ ପ୍ରତିନିଧିଙ୍କ ଭୂମିକା ରହୁଥିବାରୁ ଜିଲା ପ୍ରଶାସନ ଏବଂ ବାର୍ଡ ଅନୁଷ୍ଠାନର ମିଳିତ ସହଯୋଗରେ ଅନୁଷ୍ଠିତ କର୍ମଶାଳାକୁ ୧୦ ପଞ୍ଚାୟତର ସରପଞ୍ଚ, ସମିତିସଭ୍ୟ ସମେତ ବିଭିନ୍ନ ବିଭାଗର ଅଧିକାରୀଙ୍କୁ ଡକାଯାଇଥିଲା। ସରକାର ମହିଳାମାନଙ୍କୁ ଗୁରୁତ୍ୱ ଦେଉଥିବା ବେଳେ ଅଧିକାଂଶ ମହିଳା ସରପଞ୍ଚ ଓ ସମିତିସଭ୍ୟ ବୈଠକକୁ ଆସିନଥିଲେ। ଫଳରେ ସରକାରଙ୍କ ଲକ୍ଷ୍ୟ ସାଧନରେ ବାଧା ଉପୁଜିବା ସମ୍ଭାବନା ରହିଛି। ଏହିଭଳି ପରିସ୍ଥିତିରେ ଆଜିର ବୈଠକରେ ତହସିଲଦାର ଅଚ୍ୟୁତାନନ୍ଦ ଜାନି ମୁଖ୍ୟ ଅତିଥି ଭାବେ ଯୋଗଦେଇ କର୍ମଶାଳାର ଲକ୍ଷ୍ୟ ସମ୍ପର୍କରେ କହିଥିଲେ। ବ୍ଲକ, ପଞ୍ଚାୟତ ଏବଂ ଗ୍ରାମ୍ୟସ୍ତରୀୟ ବିପର୍ଯ୍ୟୟ ପରିଚାଳନା ସମିତି ଗଠନ କରାଯାଇ ପ୍ରାକୃତିକ ବିପର୍ଯ୍ୟୟର ମୁକାବିଲା କରାଯିବ। ବନ୍ୟା ଓ ବାତ୍ୟା ଭଳି ପ୍ରାକୃତିକ ବିପର୍ଯ୍ୟୟ ଓଡ଼ିଶାର ଚିର ସହଚର। ତେଣୁ ସରକାରୀ ଅଧିକାରୀ ଓ ଲୋକ ପ୍ରତିନିଧିଙ୍କ ମଧ୍ୟରେ ସମନ୍ୱୟ ରକ୍ଷା କରି ଏହି କାର୍ଯ୍ୟ କରାଯିବ। ଜିଲା ଜରୁରୀକାଳୀନ କାର୍ଯ୍ୟାଳୟର ପ୍ରକଳ୍ପ ଅଧିକାରୀ ଦେବେନ୍ଦ୍ର ନାୟକ ବିପର୍ଯ୍ୟୟ ପରିଚାଳନା ବାବଦରେ ତାଲିମ ଦେଇଥିଲେ। ବ୍ଲକ ଅଧ୍ୟକ୍ଷ ନରିସଭା ନାୟକ ସଭାପତିତ୍ୱ କରିଥିଲେ । ସହକାରୀ ନିର୍ବାହୀ ଯନ୍ତ୍ରୀ ଶ୍ୟାମଘନ ପ୍ରଧାନ, ଉପଖଣ୍ଡ ସୂଚନା ଓ ଲୋକ ସଂପର୍କ ଅଧିକାରୀ ଗୌରୀ ଶଙ୍କର ଶତପଥୀ, ସିଡିପିଓ ବିଷ୍ଣୁପ୍ରିୟା ସେଠୀ ପ୍ରମୁଖ ମଞ୍ଚାସିନ ରହିଥିଲେ। ବାର୍ଡ ସମ୍ପାଦକ ପ୍ରକାଶ ଚନ୍ଦ୍ର ସାହୁ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ।



ତହସିଲଦାର ଉଦବୋଧନ ଦେଉଛନ୍ତି।

## ସଂକ୍ଷେପରେ

### ଭିଭିପାଟ୍ ଯାଞ୍ଚ ପ୍ରକ୍ରିୟା ଆରମ୍ଭ

ଛତ୍ରପୁର, ୩।୧୦(ଦିଲିପ ସାମଲ)

ଆଗକୁ ସାଧାରଣ ନିର୍ବାଚନ ହେବାକୁ ଥିବାବେଳେ ଏଥିପାଇଁ ଗଞ୍ଜାମ ପ୍ରଶାସନ ସମସ୍ତ ପ୍ରକାର ପ୍ରସ୍ତୁତି ଜୋରଦାର କରିଦେଇଛି। ଜିଲାକୁ କଂଟ୍ରୋଲ ୟୁନିଟ, ବାଲଟ ୟୁନିଟ ଓ ଭିଭିପାଟ ଆସିଥିଲା। ମଙ୍ଗଳବାରଠାରୁ ଆସନ୍ତା ୨୦ ତାରିଖ ପର୍ଯ୍ୟନ୍ତ ଏହାର ଯାଞ୍ଚ ପ୍ରକ୍ରିୟା ଆରମ୍ଭ ହୋଇଛି। ଜିଲାପାଳ କାର୍ଯ୍ୟାଳୟ ପରିସରରେ ଥିବା ଭିଭିପାଟ ଗୋଦାମ ଗୃହରେ କଡ଼ାସୁରକ୍ଷା ବଳୟରେ ଏହି ଯାଞ୍ଚ କରାଯାଉଛି। ସମସ୍ତ ରାଜନୈତିକ ଦଳର କର୍ମକର୍ତ୍ତାଙ୍କ ଉପସ୍ଥିତିରେ କଣ୍ଟ୍ରୋଲ ୟୁନିଟ, ବାଲାଟ ୟୁନିଟ ଓ ଭିଭିପାଟ ଠିକଅଛି କି କି ନାହିଁ ଯାଞ୍ଚ କରାଯାଉଛି। ଜିଲାପାଳ ଦିବ୍ୟଜ୍ୟୋତି ପରିଡା, ଅତିରିକ୍ତ ଜିଲାପାଳ ପ୍ରିୟରଞ୍ଜନ ପୃଷ୍ଟି, ଲିନା କୁମାରୀ ଖେସ, ଛତ୍ରପୁର ଉପଜିଲାପାଳ ପ୍ରସନ୍ନ ପାତ୍ରଙ୍କ ସମେତ ବିଭିନ୍ନ ରାଜନୈତିକ ଦଳର ସଦସ୍ୟମାନେ ଉପସ୍ଥିତ ଥିଲେ। ଉକ୍ତ ପରିସର ୨୪ ଘଣ୍ଟିଆ ସିସିଟିଭି ସହ ପୋଲିସ ମୁତୟନ ରହିଛନ୍ତି।

### ପୋଖରୀରେ ବୁଡି ବୃଦ୍ଧଙ୍କ ମୃତ୍ୟୁ

ଛତ୍ରପୁର,୩।୧୦(ଦିଲୀପ ସାମଲ)

ଚମାଖଣ୍ଡି ଥାନା ଅଧୀନ ଘଡଘଡ଼ାପଲ୍ଲୀ ଗ୍ରାମ ନିକଟ ପୋଖରୀ ବୁଡି ଜଣେ ବୃଦ୍ଧଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଘଡଘଡ଼ାପଲ୍ଲୀର ଏସ. କୁରମେୟା ପାତ୍ର (୬୭)। ସୋମବାର ସନ୍ଧ୍ୟାରେ କୁରମେୟା ପୋଖରୀରେ ଗାଧୋଉଥିବା ବେଳେ ବୁଡି ଯାଇଥିଲେ। ମଙ୍ଗଳବାର ସକାଳେ ତାଙ୍କ ମୃତଦେହ ଭାସୁଥିବା ଲୋକେ ଦେଖି ତାଙ୍କ ପରିବାରକୁ ଜଣାଇଥିଲେ। ଏ ନେଇ ମୃତକଙ୍କ ପୁଅ ଏସ. ପୁରୁଷୋତ୍ତମ ପାତ୍ର ଥାନାରେ ଏତଲା ଦେଇଥିଲେ। ଚମାଖଣ୍ଡି ପୋଲିସ ଓ ଛତ୍ରପୁର ଅଗ୍ନିଶମ କର୍ମଚାରୀ ପହଞ୍ଚି ପୋଖରୀରୁ ମୃତଦେହ ବାହାରକୁ ଆଣିଥିଲେ। ଘଟଣା ସମ୍ପର୍କରେ ଶ୍ରୀରାମଚନ୍ଦ୍ରପୁର ସମିତିସଭ୍ୟ ଏସ. ଚକ୍ରପାଣି ରେଡ୍ଡୀ ଛତ୍ରପୁର ତହସିଲଦାର ଓ ସ୍ଥାନୀୟ ଆରଆଇଙ୍କୁ ଜଣାଇଛନ୍ତି। କୁରମେୟା ପରିବାରକୁ ସରକାରୀ ସହାୟତା ଯୋଗାଇ ଦେବାପାଇଁ ସେ ଦାବି କରିଛନ୍ତି ।

### ବିରଞ୍ଚି ନାରାୟଣ ମନ୍ଦିର ସଫା କଲେ ସ୍କାଉଟ୍ ଛାତ୍ରୀଛାତ୍ର

ବୁଗୁଡା,୩।୧୦(କଳୀଚରଣ ଦାଶ)

ସ୍ଥାନୀୟ ନ୍ୟୁ ଏରା ପବ୍ଲିକ ସ୍କୁଲର ଉତ୍କଳ ମଣି ସ୍କାଉଟ୍ ତରଫରୁ ଓଡ଼ିଶାର ଦ୍ୱିତୀୟ ଅର୍କକ୍ଷେତ୍ର ବିରଞ୍ଚି ନାରାୟଣ ମନ୍ଦିରରେ ଏକ ପରିମଳ ଶିବିର ଅନୁଷ୍ଠିତ ହୋଇଥିଲା। ସ୍କାଉଟ୍ ମାଷ୍ଟର ବୈଷ୍ଣବ ଚରଣ ଦାଶଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଉକ୍ତ ଶିବିର ପରିଚାଳିତ ହୋଇଥିଲା। ଏହି ଅବସରରେ ସ୍ୱଚ୍ଛତା ସମ୍ପର୍କିତ ଏକ ସାଇକେଲ ରାଲି ଆୟୋଜନ କରାଯାଇଥିଲା। ବିଦ୍ୟାଳୟଠାରୁ ବିରଞ୍ଚି ନାରାୟଣ ମନ୍ଦିର ଯାଏ ହୋଇଥିବା ରାଲିକୁ ସ୍କୁଲ୍ର ଭାଇସ୍ ପ୍ରିନ୍ସିପାଲ ଅନିରୁଦ୍ଧ ଗୌଡ଼ ସବୁଜ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଅତିଥି ଭାବେ ମହନ୍ତ ଭକ୍ତରାମ ଦାସ ଯୋଗଦେଇ ଶିବିରକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ସ୍କାଉଟ୍ ଛାତ୍ରୀଛାତ୍ରମାନେ ମନ୍ଦିରର ପୁଷ୍ପ ଉଦ୍ୟାନ ସମେତ ମନ୍ଦିର ହତା ପରିସର ସଫେଇ କରିଥିଲେ।

### ବରପଲ୍ଲୀଠାରେ ମୋ ୱାର୍ଡ ସ୍ୱଚ୍ଛତା ଅଭିଯାନ

ଗଞ୍ଜାମ,୩।୧୦(ବିଦ୍ୟାଧର ସାହୁ)

ପରିବେଶ ସ୍ୱଚ୍ଛ ଏବଂ ବୃକ୍ଷରୋପଣ ପାଇଁ ସ୍ୱଚ୍ଛତା ଅଭିଯାନ କାର୍ଯ୍ୟକ୍ରମ ଗଞ୍ଜାମ ଏନଏସି ଅନ୍ତର୍ଗତ ବରପଲ୍ଲୀଠାରେ ପାଳିତ ହୋଇଛି। ଏନଏସି ଇଓ ଅବିନାଶ ମିଶ୍ର, ଅଧ୍ୟକ୍ଷା ପ୍ରତିଭା ପାଢ଼ୀ, କାଉନସିଲର ସ୍ୱାଗତ ଆଶିଷ ନାୟକ, ପୋଗ୍ରାମ କୋର୍ଡିନେଟର ଚିନ୍ମୟ ପୃଷ୍ଟି, ପରିମଳ ବିଶେଷଜ୍ଞ ସୁମିତ ବେହେରା ଅତିଥି ରୂପେ ଯୋଗ ଦେଇଥିଲେ। ପରିବେଶ ସୁରକ୍ଷା ଓ ପରିବେଶ ପ୍ରତି ଥିବା କର୍ତ୍ତବ୍ୟ ଉପରେ ଅତିଥିମାନେ ଆଲୋଚନା କରିଥିଲେ। ପରେ ବୃକ୍ଷରୋପଣ ସହ ସ୍ୱଚ୍ଛତା ଅଭିଯାନ କରାଯାଇଥିଲା। କାର୍ଯ୍ୟକ୍ରମରେ ଭରସା ଅନୁଷ୍ଠାନର ଦୁର୍ଗମାଧବ ପାଣିଗ୍ରାହୀ ସହ ବିଭିନ୍ନ ଅନୁଷ୍ଠାନର କର୍ମକର୍ତ୍ତା ଯୋଗ ଦେଇଥିଲେ। ଅଧ୍ୟାପକ ଗଦାଧର ସାହୁ, ଶୁଭେନ୍ଦୁ କୁମାର ପଲାଇ, ସଂଗ୍ରାମ ତରାଇ, ନଳିନୀକାନ୍ତ ଦାସ, ବିଭୁ ତରେଇ, ସାଗର ତରାଇ, ବିନୋଦ ଗୌଡ଼, ବଳିଆ ସାହୁ, ସୁଶାନ୍ତ ଗୌଡ଼, ଶିବାନନ୍ଦ ପଲାଇ, ଅମେରଶ ତରାଇ, ଅକ୍ଷୟ ପଲାଇ, ନିକୁନ ତରାଇ, ଆଦିତ୍ୟ ସାହୁ, ସୁଶୀଲ ପଲାଇ, ସୁବ୍ରତ ପଲାଇ, ବୁଲୁ ଦାସ, ବାବୁ ବାରିକ ପ୍ରମୁଖ ପରିଚାଳନା କରିଥିଲେ।

# ଆଜି ଦିଗପହଣ୍ଡି ବ୍ଲକ ଅଧ୍ୟକ୍ଷା ଉପନିର୍ବାଚନ

ଦିଗପହଣ୍ଡି,୩।୧୦(ଅଶେଷ ନାଥ ମିଶ୍ର)

ଦିଗପହଣ୍ଡି ପଞ୍ଚାୟତ ସମିତି ଅଧ୍ୟକ୍ଷା ପଦବୀ ନିମନ୍ତେ ଉପ ନିର୍ବାଚନ ବୁଧବାର ଅନୁଷ୍ଠିତ ହେବ। ରାଜ୍ୟ ନିର୍ବାଚନ କମିଶନଙ୍କ ବିଜ୍ଞପ୍ତି ପ୍ରକାରେ ନିର୍ଦ୍ଧାରିତ ସମୟ ଅନୁସାରେ ନିର୍ବାଚନ କରାଯିବ। ଆଇନଶୃଙ୍ଖଳା ରକ୍ଷା ନିମନ୍ତେ ପୋଲିସ ପ୍ରଶାସନ ପକ୍ଷରୁ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ବ୍ୟାପକ ଫୋର୍ସ ମୁତୟନ କରାଯିବା ନିମନ୍ତେ ସମସ୍ତ ବନ୍ଦୋବସ୍ତ କରାଯାଇଛି। ଜୁନ ୧୧ରେ ବ୍ଲକ ଅଧ୍ୟକ୍ଷା ସୁନୀତା ସେଠୀଙ୍କ ବିୟୋଗ ପରେ ଏହି ଆସନ ନିମନ୍ତେ ପୂର୍ବତନ ଅଧ୍ୟକ୍ଷ ତଥା ଜିଲା ପରିଷଦ ସଦସ୍ୟ ବିପିନ ଚନ୍ଦ୍ର ପ୍ରଧାନ ଓ ବିଜେଡ଼ି ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ବିପ୍ଲବ ପାତ୍ରଙ୍କ ମଧ୍ୟରେ ଚାଲିଛି ଟଣାଓଟରା। ଏହି ଉପନିର୍ବାଚନ ପାଇଁ ଅଗଷ୍ଟ ୩୧ ତାରିଖ ଧାର୍ଯ୍ୟ ହୋଇଥିଲା। ନିର୍ବାଚନ ଦିନ ବିପିନ ତାଙ୍କ ସମର୍ଥକଙ୍କ ସହ ୧୪ ସମିତି ସଭ୍ୟାସଭ୍ୟ ନିର୍ବାଚନ କକ୍ଷରେ ପହଞ୍ଚିବାର ଏକ ଘଣ୍ଟା ପରେ ଆଇନଶୃଙ୍ଖଳା ପରିସ୍ଥିତି ଏବଂ କିଛି ସମିତି ସଭ୍ୟ ନିଖୋଜ ଥିବା ଦର୍ଶାଯାଇ ନିର୍ବାଚନ ସ୍ଥଗିତ ରଖାଯାଇଥିଲା। ସମିତି ସଭ୍ୟ ନିଖୋଜ ନେଇ ଦିଗପହଣ୍ଡି ଥାନାରେ ଅଗଷ୍ଟ ୨୯ରେ ଅଭିଯୋଗ କରାଯାଇଥିଲା। ସେଥିମଧ୍ୟରୁ ୫ ଜଣ ସମିତି ସଭ୍ୟ ପରଦିନ ଅର୍ଥାତ ଅଗଷ୍ଟ ୩୦ରେ ଗଣମାଧ୍ୟମ ଆଗରେ ନିଜ ନିଜର ମତ ରଖିଥିଲେ। ତେବେ ବୁଧବାର ହେବାକୁ ଥିବା ଉପନିର୍ବାଚନରେ ଆଇନଶୃଙ୍ଖଳା ଦୃଷ୍ଟିରୁ ୭ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ କରାଯିବା ସହ ଯେଉଁମାନେ ବିଶୃଙ୍ଖଳା ସୃଷ୍ଟି କରିବେ ତାଙ୍କ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ବ୍ରହ୍ମପୁର ଏସପି ଡ଼. ଶ୍ରବଣ ବିବେକ ଏମ୍ କହିଛନ୍ତି।

# ଗଞ୍ଜାମରେ ସାଇବର ସୁରକ୍ଷା ଅଭିଯାନ

ଗଞ୍ଜାମ,୩।୧୦(ବିଦ୍ୟାଧର ସାହୁ)

ଗଞ୍ଜାମ ସହରରେ ସାଇବର ଅପରାଧ ରୋକିବାକୁ ଭାରତୀ ବିଦ୍ୟାପୀଠ ମିନିଷ୍ଟାଡିୟମଠାରେ ମଙ୍ଗଳବାର ଏକ ପଥପ୍ରାନ୍ତ ନାଟକ ମାଧ୍ୟମରେ ସଚେତନତା କାର୍ଯ୍ୟକ୍ରମ ଆଇଆଇସି ସୁମିତ୍ରା ପାତ୍ରଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିଲା। ଏନ୍‌ଏସି ବିଜେଡି ଯୁବ ସଭାପତି ସୁଧୀର କୁମାର ପାଢ଼ୀ, ଛାତ୍ର ସଭାପତି ରାକେଶ ରଞ୍ଜନ ଦାସ, ଜିଲା ପରିଷଦ ସଭ୍ୟ ସନାତନ ବେହେରା, ପୂର୍ବତନ ସରପଞ୍ଚ ଗୋବିନ୍ଦ ରେଡ୍ଡୀ, କମ୍ପାନୀ ୟୁନିୟନ ସମ୍ପାଦକ ଶ୍ୟାମା ରେଡ୍ଡୀ, କାଉନ୍‌ସିଲର ଚନ୍ଦ୍ରଶେଖର ରେଡ୍ଡୀ, କାଉନ୍‌ସିଲର ପ୍ରତିନିଧି ଅରୁଣ ମହାନ୍ତିଙ୍କ ସମେତ ସ୍ଥାନୀୟ ଅଞ୍ଚଳର ବହୁ ଯୁବ ଗୋଷ୍ଠୀ ଉପସ୍ଥିତ ଥିଲେ। ଏହି ଅବସରରେ ସାଇବରର ଶିକାର ହୋଇଥିବା ବ୍ୟକ୍ତି ୧୯୩୦କୁ ଡାଇଲ କରି ସହାୟତା ନେବା ପାଇଁ କୁହାଯାଇଛି। ଏଥିସହ ବୀମା ସମ୍ବନ୍ଧୀୟ ତଥ୍ୟ କିମ୍ବା ମୋବାଇଲ ଓଟିପି ନମ୍ବର କାହାକୁ ଦିଅନ୍ତୁ ନାହିଁ ବୋଲି ସଚେତନକାରୀଙ୍କ ପକ୍ଷରୁ କୁହାଯାଇଛି। ପରେ ଆୟୋଜକ ପକ୍ଷରୁ ନାଟକ ମାଧ୍ୟମରେ ସଚେତନତା କରାଯାଇଥିଲା। ଏହାକୁ ଥାନା ଅଧିକାରୀ ସୁମିତ୍ରା ପାତ୍ର, ଏସ୍‌ଆଇ କେ.ଏମ. ସାହୁ, ମହିଳା ଏଏସ୍‌ଆଇ ସୁପ୍ରଭା ସାହୁଙ୍କ ସମେତ ଅନ୍ୟାନ୍ୟ ପୋଲିସ କର୍ମଚାରୀ ସହଯୋଗ, ପରିଚାଳନା କରିଥିଲେ। ପରେ ଗଞ୍ଜାମ କଲେଜ ଓ ଯଶୋଦା ମହିଳା ମହା ବିଦ୍ୟାଳୟରେ ଏହି ସଚେତନତା କରାଯାଇଥିଲା। ବିଶେଷ କରି ଯୁବ ଗୋଷ୍ଠୀ ଏଥିରୁ ନିବୃତ୍ତ ହେବା ପାଇଁ ଆଇଆଇସି ପାତ୍ର ଆହ୍ୱାନ ଦେଇଥିଲେ।


ସଚେତନତା କାର୍ଯ୍ୟକ୍ରମରେ ଉପସ୍ଥିତ ଅଧିକାରୀ ଓ ଅନ୍ୟମାନେ।

# ଆର୍ଯ୍ୟପଲ୍ଲୀବାସୀଙ୍କ ଅନଶନ ୨୩ ଦିନରେ


ଅନଶନରେ ବସିଥିବା ଆର୍ଯ୍ୟପଲ୍ଲୀ ଗ୍ରାମର ମହିଳାମାନେ।

ଛତ୍ରପୁର,୩।୧୦(ସନ୍ତୋଷ ପାଢୀ/ଦିଲୀପ ସାମଲ)

ଛତ୍ରପୁର ତହସିଲ ଅଧୀନ ଆର୍ଯ୍ୟପଲ୍ଲୀ ରାଜସ୍ୱ ଗ୍ରାମର ଲୋକେ ପଟ୍ଟା ଦାବିରେ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଚଳାଇଥିବା ଆମରଣ ଅନଶନ ମଙ୍ଗଳବାର ୨୩ ଦିନରେ ପହଞ୍ଚିଛି । ଆନ୍ଦୋଳନରେ ବହୁ ବହୁ ମହିଳା ସାମିଲ ହୋଇଛନ୍ତି। ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ଅନଶନ ଚାଲିବ ବୋଲି କୁହାଯାଇଛି । ଗତ ରବିବାର ଅନଶନକାରୀଙ୍କୁ ପୋଲିସ ଜୋରଜବରଦସ୍ତ ଉଠାଇ ଛତ୍ରପୁର ଥାନାକୁ ନେଇଥିଲା। ପରେ ଏକ ମାମଲା ରୁଜୁ କରି ସେମାନଙ୍କୁ ୪୧ ନୋଟିସରେ ଛାଡିଥିଲା। ପୋଲିସ ଉଠାଇ ନେବା ଘଟଣାକୁ ନେଇ ଭାରତୀୟ ବିକାଶ ପରିଷଦ ଓ ଆନ୍ଦୋଳନକାରୀଙ୍କ ପକ୍ଷରୁ ପ୍ରତିକ୍ରିୟା ପ୍ରକାଶ ପାଇଛି। ସମ୍ପୃକ୍ତ ପୋଲିସ ଓ ପ୍ରଶାସନିକ ଅଧିକାରୀଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି ହୋଇଛି। ଏ ନେଇ ଦକ୍ଷିଣାଞ୍ଚଳ ଆର୍‌ଡିସି, ଗଞ୍ଜାମ ଜିଲାପାଳ ଓ ଏସ୍‌ପି, ମୁଖ୍ୟ ଶାସନସଚିବ, ପୋଲିସ ଡିଜି, ହାଇକୋର୍ଟ ଓ ସୁପ୍ରିମକୋର୍ଟ ମୁଖ୍ୟ ବିଚାରପତିଙ୍କୁ ବିକାଶ ପରିଷଦର ସଭାପତି ସୁରେନ୍ଦ୍ର ପାଣିଗ୍ରାହୀ ଚିଠି ଦ୍ୱାରା ଜଣାଇଛନ୍ତି। ଏପରିକି ନ୍ୟାୟ ପାଇଁ ହାଇକୋର୍ଟଙ୍କ ଆଶ୍ରୟ ନିଆଯିବ ବୋଲି କୁହାଯାଇଛି। ଭାରତୀୟ ବିକାଶ ପରିଷଦ ଓ ଆର୍ଯ୍ୟପଲ୍ଲୀ ପଞ୍ଚାୟତର ଲୋକେ ଅନଶନରେ ସାମିଲ ହୋଇଛନ୍ତି । ୧୯୭୫ରୁ ଆର୍ଯ୍ୟପଲ୍ଲୀ ପଞ୍ଚାୟତର ସାନ ଆର୍ଯ୍ୟପଲ୍ଲୀ, ବଡ ଆର୍ଯ୍ୟପଲ୍ଲୀ, କେ.ଆର୍ଯ୍ୟପଲ୍ଲୀ ଓ କତୁରୁ ଗାଁର ୧୮୦୦ ପରିବାରକୁ ଜିଲା ପ୍ରଶାସନ ଏ ଯାଏ ପଟ୍ଟା ଦେଇନି। ତେଣୁ ଗତ ୧୧ ତାରିଖରୁ ଅନଶନ ଚାଲିଛି ବୋଲି ସେମାନେ କହିଛନ୍ତି।

## ପେଟ୍ରୋଲ ପମ୍ପରୁ ଚୋରି

ପାତ୍ରପୁର,୩।୧୦(ଉମାଚରଣ ନେପାକ)

ଜରଡ଼ା ଥାନା ଅଧୀନସ୍ଥ ଜୟନ୍ତିପୁର ପେଟ୍ରୋଲ ପମ୍ପରୁ ମଙ୍ଗଳବାର ୨ଜଣ ଯୁବକ ୧ ଲକ୍ଷ ଟଙ୍କା ଚୋରି କରିନେଇଥିବା ଅଭିଯୋଗ ହୋଇଛି। ସକାଳ ପ୍ରାୟ ସାଢ଼େ ୯ଟା ସମୟରେ ୨ ଜଣ ଯୁବକ ପେଟ୍ରୋଲ ପମ୍ପରେ ପହଞ୍ଚି ଇଞ୍ଜିନ ଅଏଲ କିଣିବା ଆଳରେ ଅଫିସ ଭିତରକୁ ପ୍ରବେଶ କରିଥିଲେ। ସେଠାରେ ଲକ୍ଷ୍ମୀ ନାରାୟଣ ପାଢ଼ୀ ନାମକ କର୍ମଚାରୀଙ୍କୁ ଇଞ୍ଜିନ ଅଏଲ ମାଗିଥିଲେ। କର୍ମଚାରୀ ଜଣକ ଇଞ୍ଜିନ ଅଏଲ ଦେବା ପରେ ଯୁବକ ଜଣକ ୫୦୦ ଟଙ୍କା ନୋଟ ଦେଲେ। କର୍ମଚାରୀଜଣଙ୍କ ଖୁଚୁରା ଟଙ୍କା ଦେବା ଭିତରେ ସେମାନେ କ୍ୟାସ କାଉଣ୍ଟରରେ ଥିବା ଦୁଇଟି ପଚାଶ ହଜାର ଟଙ୍କା ବିଡ଼ା ଦୁଇଟି ଚୋରାଇ ନେଇଥିଲେ। କମଚାରୀ ଜଣକ ତୁରନ୍ତ ପେଟ୍ରୋଲ ପମ୍ପ ମାଲିକଙ୍କୁ ଏ ବିଷୟରେ ଅବଗତ କରିଥିଲେ। ପେଟ୍ରୋଲ ପମ୍ପ ମାଲିକ ପହଞ୍ଚି ସିସିଟିଭି ଫୁଟେଜ ଯାଞ୍ଚ କଲା ପରେ ଟଙ୍କା ଚୋରି ହୋଇଥିବା ସ୍ପଷ୍ଟ ହୋଇଥିଲା ଓ ଏ ନେଇ ସେ ଜରଡା ଥାନାରେ ଅଭିଯୋଗ କରିଥିଲେ।

# କଟାମା ଧର୍ମାଞ୍ଚଳସ୍ତରୀୟ ସାଧ୍ୱୀ ତେରେସାଙ୍କ ପର୍ବ ପାଳିତ

ମୋହନା,୩।୧୦(ମନ୍ମଥ ମିଶ୍ର)

ମୋହନା ବ୍ଲକ ଅନ୍ତର୍ଗତ କଟାମା ଧର୍ମାଞ୍ଚଳରେ ଶିଶୁ ଯିଶୁ ପ୍ରାଣା ସାଧ୍ୱୀ ତେରେସାଙ୍କ ପର୍ବକୁ ପାଳନ କରାଯାଇଛି। ଏହି ଅବସରରେ କଟାମା ଚର୍ଚ୍ଚ ପରିସରରେ ଏକ ମିଳିତ ଦିବ୍ୟଯଜ୍ଞ ଅନୁଷ୍ଠିତ ହୋଇଥିଲା। ମୁଖ୍ୟଅତିଥି ଭାବେ ବ୍ରହ୍ମପୁର ଧର୍ମପ୍ରଦେଶର ଧର୍ମାଧ୍ୟକ୍ଷ ଡ. ଶରତ ଚନ୍ଦ୍ର ନାୟକ ଯୋଗଦେଇ ମୁଖ୍ୟ ଅତିଥିଭାବେ ପୌରୋହିତ୍ୟ ଓ ବାକ୍ୟ ପରିବେଷଣ କରିଥିବା ବେଳେ ସମ୍ମାନିତ ଅତିଥି ଭାବେ ଯାଜକ ପ୍ରଫୁଲ୍ଲ କୁମାର ନାୟକ, ଯାଜକ ବିମଳ ଚନ୍ଦ୍ର ନାୟକ, ଡିନ୍ ଯାଜକ କରୁଣାକର ଦିଗାଲ, ଧର୍ମାଧ୍ୟକ୍ଷଙ୍କ ସମ୍ପାଦକ ଯାଜକ ପୂର୍ଣ୍ଣଚନ୍ଦ୍ର ନାୟକଙ୍କ ସମେତ ବିଭିନ୍ନ ଧର୍ମାଞ୍ଚଳରୁ ଯାଜକ ଓ ସେବା ଭଗ୍ନୀ ଗଣ ଯୋଗଦେଇଥିଲେ। କଟାମା ଧର୍ମାଞ୍ଚଳର ମୁଖ୍ୟ ସଚେତକ ଶୁଭକାନ୍ତ ମନ୍ତ୍ରୀଙ୍କ ନେତୃତ୍ୱରେ ଧର୍ମାଞ୍ଚଳର ମୁଖ୍ୟ ଯାଜକ ମନୋଜ କୁମାର, ସହକାରୀ ଯାଜକ ଭିନ୍‌ସେଣ୍ଟ କୋମଲଙ୍କ ତତ୍ତ୍ୱାବଧାନରେ ପର୍ବ ପାଳନର ସମସ୍ତ ଆୟୋଜନ କରାଯାଇଥିବା ବେଳେ ଏହା ଗୁରୁବାରଠାରୁ ଆରମ୍ଭ ହୋଇ ରବିବାର ଉଦ୍‌ଯାପିତ ହୋଇଛି। ଗୁରୁବାର ଚାଳିଶ ନିର୍ଦ୍ଦେଶକ ଯାଜକ ପିଟର ଛିଞ୍ଚାଣି ପତାକା ଉତ୍ତୋଳନ କରି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଧର୍ମାଧ୍ୟକ୍ଷ ଡ. ନାୟକଙ୍କ ପୌରୋହିତ୍ୟରେ ଦିବ୍ୟ ଯଜ୍ଞ ଅନୁଷ୍ଠିତ ହୋଇଥିବା ବେଳେ ସନ୍ଧ୍ୟାରେ ମା' ମେରୀଙ୍କ ପ୍ରତିମୂର୍ତ୍ତିକୁ ନେଇ ଶୋଭାଯାତ୍ରାରେ ନଗର ପରିକ୍ରମା କରି ଗୁମ୍ଫା ଯାଏ ଯାଇଥିଲେ। ସେଠାରେ ମୋହନାସ୍ଥିତ ଅନୁଗ୍ରହ ପୀଠର ନିର୍ଦ୍ଦେଶକ ଯାଜକ ମାର୍ଟିନ ଚିନ୍ତାମଣି ପରିଚ୍ଛା ବାଇବେଲରୁ ପ୍ରଭୁଙ୍କ ବାକ୍ୟ ପରିବେଷଣ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ସମସ୍ତ ମଣ୍ଡଳୀର ଗ୍ରାମ୍ୟ ବେହେରା, ଗ୍ରୁପ୍ ବେହେରା ସହଯୋଗ କରିଥିଲେ।

## ଆହତ କୁଟୁରା ଛୁଆ ଉଦ୍ଧାର

ପାତ୍ରପୁର,୩।୧୦(ଉମା ଚରଣ ନେପାକ)

ସାମନ୍ତିଆପଲ୍ଲୀ ବାନାଞ୍ଚଳ କେଲୁଆ-ମୈଶାନପୁର ମଧ୍ୟସ୍ଥଳେ ଥିବା ପେଟ୍ରୋଲ ପମ୍ପ ନିକଟରୁ ମଙ୍ଗଳବାର ଏକ ଆହତ କୁଟୁରା ଛୁଆ ଉଦ୍ଧାର ହୋଇଛି । ସକାଳ ପ୍ରାୟ ୯ ଟାରେ ଜଣେ ବାଟୋଇଙ୍କ ବାଇକ ସହ କୁଟୁରା ଧକ୍କା ହୋଇଥିଲା। ଫଳରେ କୁଟୁରା ଛୁଆଟି ଆହତ ହୋଇଥିଲା। ସୁରଙ୍ଗୀ ବନବିଭାଗ କର୍ମଚାରୀମାନେ ପହଞ୍ଚି ଆହତ କୁଟୁରାକୁ ଉଦ୍ଧାର କରି ଚିକିତ୍ସା କରାଇଥିଲେ । ସୁସ୍ଥ ହେବା ପରେ ତାକୁ ଜଙ୍ଗଲରେ ଛଡ଼ା ଯିବ ବୋଲି ବନବିଭାଗ ତରଫରୁ ସୂଚନା ମିଳିଛି ।

# ଗାୟତ୍ରୀ ପରିବାର ବ୍ଲକ କମିଟି ଗଠିତ

ଛତ୍ରପୁର,୩।୧୦(ସନ୍ତୋଷ ପାଢୀ)

ଅଖିଳ ବିଶ୍ୱ ଗାୟତ୍ରୀ ପରିବାର ଛତ୍ରପୁର ବ୍ଲକ ଶାଖା କମିଟି ଗଠନ କରାଯାଇ କର୍ମକର୍ତ୍ତାଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଛି । ଗାୟତ୍ରୀ ପରିବାର ରାଜ୍ୟ ସହ ସଂଯୋକ ଡ. ବୃନ୍ଦାବନ ମିଶ୍ର ଓ ଗଞ୍ଜାମ ଜିଲା ସହ ସଂଯୋଜକ ରଜନୀ ମହାପାତ୍ରଙ୍କ ତତ୍ତ୍ୱାବଧାନରେ ଉପସ୍ଥିତ ସଦସ୍ୟଙ୍କ ମଧ୍ୟରୁ ଅରୁଣ ଶତପଥୀଙ୍କୁ ବ୍ଲକ ସଂଯୋଜକ ରୂପେ ଚୟନ କରାଯାଇଛି । ସେହିପରି ଚିନ୍ମୟ ଦାଶଙ୍କୁ ସହସଂଯୋଜକ, ପ୍ରଦୀପ ଆଚାର୍ଯ୍ୟ ସଂଗଠକ, କବିରାଜ ପଲେଇ କୋଷାଧ୍ୟକ୍ଷ, କପିଳ ଚନ୍ଦ୍ର ମହାରଣା କାର୍ଯ୍ୟାଳୟ ରକ୍ଷକ, ହେମଲତା ସେନାପତି, ଲକ୍ଷ୍ମ ପଣ୍ଡା ଶିକ୍ଷା ଓ ସାହିତ୍ୟ ସଂଯୋଜକ, ଗଣେଶ ରେଡ୍ଡୀ ଯୁବ ସଂଯୋଜକ, ଶ୍ରୀଧର ବେହେରା ସପ୍ତକ୍ରାନ୍ତି ସଂଯୋଜକ ଓ ମୁନା ବେହେରାଙ୍କୁ ରଚନାତ୍ମକ ସଂଯୋଜକ ରୂପେ ଚୟନ କରାଯାଇଛି। ଯଯାତି କେଶରୀ ବେହେରା ମିଡିଆ ସଂଯୋଜକ, ପୁଷ୍ପାଞ୍ଜଳି ଆଚାର୍ଯ୍ୟ ସାଧାନ ସଂଯୋଜିକା ଭାବେ ମନୋନୀତ ହୋଇଛନ୍ତି। କେନ୍ଦ୍ରୀୟ ଓ ରାଜ୍ୟ ସଂଘର ଦିଗଦର୍ଶନରେ ବ୍ଲକ ସ୍ତରରେ ଆଧ୍ୟାତ୍ମିକ ଓ ସାମାଜିକ ଚେତନା ମୂଳକ କାର୍ଯ୍ୟ ଓ ସେବା ନିମନ୍ତେ ଲକ୍ଷ୍ୟ ରଖାଯାଇଛି।

# ଆର.ଉଦୟଗିରି ସବ୍ ଡିଭିଜନ ଦାବି ତେଜିଲା

ଆର.ଉଦୟଗିରି,୩।୧୦(ମନୋଜ କୁମାର ପାଢୀ)

ଆର.ଉଦୟଗିରିକୁ ସବ୍ ଡିଭିଜନ ଦାବି ଲାଗି ଅଞ୍ଚଳବାସୀଙ୍କୁ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ଆବାହକ ଭୀମ ପାଇକ ନେତୃତ୍ୱ ନେଇ ସ୍ଥାନୀୟ କଲ୍ୟାଣ ମଣ୍ଡପରେ ବ୍ଲକର ସମସ୍ତ ଓକିଲ ସଂଘ, ଡ୍ରାଇଭର ସଂଘ, ଉଦୟନାଥ ବଣିକ ସଂଘ, ନିର୍ମାଣ ଶ୍ରମିକ ସଂଘ, ସ୍ୱୟଂ ସହାୟକ ଗୋଷ୍ଠୀ, ମିଶନ ଶକ୍ତି, ଖବରଦାତା, ଅବସରପ୍ରାପ୍ତ ସରକାରୀ କର୍ମଚାରୀ ସଂଘ, ବୋଲବମ୍ ସଂଘ ଏବଂ ଗ୍ରାମ ପୁରୁଷ ଓ ମହିଳା ପ୍ରମୁଖ ଯୋଗଦେଇ ସମ୍ମିଳିତ ହୋଇ ଦାବି ଉପସ୍ଥାପନ କରିଥିଲେ। ଏହି ବୈଠକରେ ବରିଷ୍ଠ ନେତା ମାଣିକ ପାଇକ, ଓକିଲ ସଂଘ ସଭାପତି କମଳିନୀ ପଟ୍ଟନାୟକ, ଶୁଭେନ୍ଦ୍ର ପାଣିଗ୍ରାହୀ, ବିପ୍ରଚରଣ ସେନାପତି, କୁନା ନାହକ, ବଣିକ ସଂଘର ସଭାପତି ଗିରିଜା ଶଙ୍କର ନାୟକ, ଶିବରାମ ପାତ୍ର, ତରୁଣ କୁମାର ତରାସିଆ, ପାଳକ ଇସ୍ରାଏଲ ପାଣି, କୁଞ୍ଜବିହାର ପାତ୍ର, ୱାର୍ଡ ମେମ୍ବର ଦୀପକ ପାଣି ଓ ରାଜେନ୍ଦ୍ର ଗୌଡ ପ୍ରମୁଖ ଉପସ୍ଥିତ ଥିଲେ। ଏହି ବୈଠକରେ ନିଷ୍ପତ୍ତି ନିଆଯାଇଛି ଯେ, ରାଜ୍ୟ ସରକାର ଆର.ଉଦୟଗିରି ବ୍ଲକ ଉପଖଣ୍ଡ ମାନ୍ୟତା ନ ଦିଅନ୍ତି ତା'ହେଲେ ଆଗାମୀ ଦିନରେ ୩ ବ୍ଲକର ସବୁ ଜନସାଧାରଣ ଏକତ୍ରିତ ହୋଇ ଜନଆନ୍ଦୋଳନ କରାଯିବ ବୋଲି ଚେତାବନୀ ଦେଇଛନ୍ତି।


ବୈଠକରେ ଉପସ୍ଥିତ ଅଞ୍ଚଳବାସୀ।

# ସହାୟତା ଅପେକ୍ଷାରେ ବାପ ମା' ଛେଉଣ୍ଡ ଭଉଣୀ ଭାଇ

ପୁରୁଷୋତ୍ତମପୁର,୩।୧୦(ସୀମାଞ୍ଚଳ ମିଶ୍ର)

ବାପା ମା'ଙ୍କୁ ହରାଇବା ପରେ ନିଜ ଭବିଷ୍ୟତକୁ ନେଇ ପୁରୁଷୋତ୍ତମପୁର ଏନ୍‌ଏସି ୱାର୍ଡ ନଂ ୫ ଚାଙ୍ଗୁଡିଆ ପଦର ସାହିର ନାବାଳକ ଭଉଣୀ ଭାଇ ମଧୁସ୍ମିତା ବେହେରା ଓ ଶସାଙ୍କ ବେହେରାଙ୍କ ସାତଦିନ ହେଲା ନିଦ ହଜିଯାଇଛି। ଆଖିରୁ ଲୁହ ଶୁଖୁନାହିଁ। ପୁରୁଷୋତ୍ତମପୁର ଚାଙ୍ଗୁଡିଆ ପଦର ସାହିର ଦିବ୍ୟାଙ୍ଗ ଯୁବକ କୃଷ୍ଣଚନ୍ଦ୍ର ବେହେରାଙ୍କ ସ୍ତ୍ରୀ ବିଷ୍ଣୁପ୍ରିୟା, ଝିଅ ମଧୁସ୍ମିତା, ପୁଅ ଶସାଙ୍କ ଓ ବୃଦ୍ଧା ମା' ହାଡିଆଣୀଙ୍କୁ ନେଇ ତାଙ୍କ ପରିବାର। କୃଷ୍ଣ ଜଣେ ଦିବ୍ୟାଙ୍ଗ ଅନୁସୂଚିତ ଜାତିର ଅତ୍ୟନ୍ତ ଗରିବ ଶ୍ରେଣୀର ହୋଇଥିବାରୁ ଘର ସମ୍ମୁଖରେ ଏକ ଛୋଟିଆ କ୍ୟାବିନରେ ଦୋକାନଟିଏ କରି ପରିବାର ପୋଷୁଥିଲେ। ମାତ୍ର କରୋନାରେ କୃଷ୍ଣ ଆରପାରିକୁ ଚାଲିଗଲେ। ପୂରା ପରିବାର ଭୋକ ଉପାସରେ ବହୁକଷ୍ଟରେ ରହୁଥିବା ବେଳେ ୨୦୨୧ ସେପ୍ଟେମ୍ବର ୨୬ ତାରିଖରେ କୃଷ୍ଣଚନ୍ଦ୍ରଙ୍କ ସ୍ତ୍ରୀ ବିଷ୍ଣୁପ୍ରିୟାଙ୍କୁ ଆଶା କର୍ମୀ ଭାବରେ ନିଯୁକ୍ତି ମିଳିଲା। ସେଥିରୁ ମିଳୁଥିବା ସ୍ୱଳ୍ପ ପଇସା ଓ ରାଶନ କାର୍ଡରେ ମିଳୁଥିବା ଚାଉଳରେ ସେ ବୃଦ୍ଧା ଶାଶୁ ଓ ଛୋଟ ଛୋଟ ଦୁଇ ପିଲାଙ୍କୁ ପ୍ରତିପୋଷଣ କରୁଥିଲେ। ଗତ କିଛିଦିନ ହେଲା ସେ ଶ୍ୱାସ ରୋଗରେ ଆକ୍ରାନ୍ତ ହୋଇଥିଲେ ମଧ ନିଜର ଆଶା କର୍ମୀ କାର୍ଯ୍ୟ କରିଚାଲିଥିଲେ। ହେଲେ ଗତ ମାସ ୨୬ ତାରିଖରେ ହଠାତ ଅସୁସ୍ଥ ହୋଇ ତାଙ୍କର ମୃତ୍ୟୁ ଘଟିଥିଲା। ହେଲେ ଏବେ ଝିଅ ଓ ନବମ ଶ୍ରେଣୀରେ ପଢୁଥିବା ପୁଅର ପାଠରେ ପୂର୍ଣ୍ଣଚ୍ଛେଦ ପଡିଯିବାର ଏକ ପ୍ରକାର ସ୍ପଷ୍ଟ ହୋଇଛି। ଝିଅ ମଧୁସ୍ମିତା ଉପରେ ପରିବାରର ବୋଝ ପଡିଛି। ଏହାକୁ ନେଇ ଭାଇ ଭଉଣୀ କିଭଳି ବଞ୍ଚିବୁ, କିଏ ଆମକୁ ଖାଇବାକୁ ଦେବ, କିଏ ପଢାଇବ, କେମିତି ଚଳିବୁ ବୋଲି କହି ସରକାର ଓ ପ୍ରଶାସନକୁ ସାହାଯ୍ୟ ଲାଗି ନିବେଦନ କରିଛନ୍ତି। ସେହିପରି ବୃଦ୍ଧା ହାଡିଆଣୀଙ୍କ ମଧ ଗୋଡ ଭାଙ୍ଗିଯିବା ହେତୁ ଚଳ ପ୍ରଚଳ କରିପାରୁ ନାହାନ୍ତି। ମୁଁ ଚାଲି ପାରୁନି ଏବେ କରିବି କ'ଣ, ପିଲାଙ୍କୁ ପୋଷିବି କିପରି ବୋଲି କହିଛନ୍ତି। ବର୍ତ୍ତମାନ ହିଞ୍ଜୁଳା ଗ୍ରାମରୁ ମାମୁ ଜବନକୁମାର ବେହେରା ଆସି ଦେଖାଶୁଣା କରୁଛନ୍ତି, ମାତ୍ର ସେ ବି ଚିନ୍ତାରେ ପଡି ସହାୟତା ଲାଗି ସରକାର ଦୃଷ୍ଟି ଦେବାକୁ ଗୁହାରି କରିଛନ୍ତି। ପୁରୁଷୋତ୍ତମପୁର ବ୍ଲକ ଆଶା କର୍ମୀ ସଂଘ ସଭାନେତ୍ରୀ ରାଜଲକ୍ଷ୍ମୀ ପଣ୍ଡା ଓ ଗ୍ରାମବାସୀ ତୁରନ୍ତ ସରକାର ଓ ପ୍ରଶାସନ ଏ ଦିଗରେ ଦୃଷ୍ଟି ଦେଇ ସହାୟତା ଯୋଗାଇ ଦେବା ସହ ପିଲାଙ୍କ ପାଠପଢା ଓ ଭବିଷ୍ୟତ ଲାଗି ପଦକ୍ଷେପ ନେବାକୁ ଦାବି କରିଛନ୍ତି। ଏ ନେଇ ଏନ୍‌ଏସି ଅଧ୍ୟକ୍ଷା ପ୍ରିୟଙ୍କା ଗୌଡ କହିଛନ୍ତି ଯେ ବାପା ମା' ଛେଉଣ୍ଡ ଅନାଥ ଭାଇ ଭଉଣୀଙ୍କୁ ସହାୟତା ଲାଗି ସରକାର ଓ ପ୍ରଶାସନକୁ ଜଣାଇବି। ଯେପରି ଏହି ଛୋଟଛୋଟ ପିଲାମାନେ ଚଳିବା ସହ ପାଠ ପଢିପାରିବେ ସେଥିଲାଗି ସରକାର ଓ ଜିଲା ପ୍ରଶାସନକୁ ନିବେଦନ କରୁଛି ବୋଲି କହିଛନ୍ତି।


ଅନାଥ ଦୁଇ ପିଲାଙ୍କ ସହ ଆଶାକର୍ମୀ।

## ପାର୍ବଣ ପ୍ରସ୍ତୁତି ଜୋର୍‌ଦାର

# ଭାଇଚାରାର ସମ୍ପର୍କ ଗଢ଼ିଥାଏ ଦାଣ୍ଡିଆ



ବ୍ରହ୍ମପୁର,୩।୧୦(ସ୍ମୃତି ରଞ୍ଜନ ମହାଲିକ)

ବ୍ରହ୍ମପୁର ସହରରେ ପାର୍ବଣ ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଯାଇଛି। ବିଭିନ୍ନ ପୂଜା ମଣ୍ଡପ ପକ୍ଷରୁ ମୂର୍ତ୍ତି, ତୋରଣ ନିର୍ମାଣ କାର୍ଯ୍ୟ ଚାଲିଛି। ମା'ଙ୍କ ନବରାତ୍ର ଓ ଦଶହରା ଲାଗି ବିଭିନ୍ନ ସାଜସଜା ଓ ଆଲୋକମାଳାରେ ସହର ଝଲସି ଉଠିବ। ପାର୍ବଣରେ ବ୍ରହ୍ମପୁର ସହରରେ ଗତ କିଛିବର୍ଷ ହେଲା ଦାଣ୍ଡିଆ ନୃତ୍ୟ ପ୍ରତି ଯୁବପିଢ଼ୀଙ୍କ ଆଗ୍ରହ ବଢ଼ିବାରେ ଲାଗିଛି। ତେଣୁ ସହରରେ ଦାଣ୍ଡିଆ ନାଇଟ୍ସ ତଥା ଦାଣ୍ଡିଆ ଉତ୍ସବ ପାଇଁ ବିଭିନ୍ନ ନୃତ୍ୟ ସଂଗଠନ ସାଙ୍ଗକୁ ଅନ୍ୟାନ୍ୟ ସଂଘ ପକ୍ଷରୁ ଏବେଠୁ ପ୍ରସ୍ତୁତି ଆରମ୍ଭ ହୋଇଛି। ଦାଣ୍ଡିଆ ନୃତ୍ୟ ସାଧାରଣତଃ ଗୁଜରାଟୀଙ୍କ ପରମ୍ପରା। ଗୁଜୁରାଟରେ ଏହାକୁ ରାସଗର୍ବା ଅର୍ଥାତ ଦାଣ୍ଡିଆ ବୋଲି କୁହାଯାଏ। ସେଠାରେ ନବରାତ୍ର ସମୟରେ ମା' ଦୁର୍ଗାଙ୍କ ଗୀତରେ ଦାଣ୍ଡିଆ ପରିବେଷଣ କରଯାଇଥାଏ। ସମୟକ୍ରମେ ଏହି ପରମ୍ପରା ବିଭିନ୍ନ ଅଞ୍ଚଳରେ ଦେଖାଗଲାଣି। ବର୍ତ୍ତମାନ ଆଧୁନିକ ଗୀତର ତାଳେ ତାଳେ ଦାଣ୍ଡିଆ ନୃତ୍ୟ ଅନୁଷ୍ଠିତ ହେବାକୁ ମିଳୁଛି। ବ୍ରହ୍ମପୁର ସହରରେ କେତେକ ନୃତ୍ୟ ଏକାଡେମୀ ପକ୍ଷରୁ ଦାଣ୍ଡିଆ ଉତ୍ସବ ପାଳନ ନିମନ୍ତେ ସ୍ୱତନ୍ତ୍ର ଫି' ବ୍ୟବସ୍ଥା କରାଯାଇଛି। ଏଥିସହିତ ବିଭିନ୍ନ ସଂଗଠନ ପକ୍ଷରୁ ସୁସ୍ୱାଦୁ ଖାଦ୍ୟ ବ୍ୟବସ୍ଥା କରାଯାଉଛି। ଦାଣ୍ଡିଆ ନୃତ୍ୟ ପ୍ରତିଯୋଗିତା କରାଯାଇ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯିବା କାର୍ଯ୍ୟକ୍ରମ ରହିଛି। ଭାଇଚାରାର ସମ୍ପର୍କ ଗଢ଼ି ତୋଳିବା ଓ ପାର୍ବଣକୁ ହସଖୁସିରେ ଉପଭୋଗ କରିବା ନିମନ୍ତେ ଦାଣ୍ଡିଆ ଏକ ମାଧମ ବୋଲି ବହୁ ସଂଗଠନ ପକ୍ଷରୁ ମତ ପ୍ରକାଶ ପାଇଛି।

### ଏମାନେ ଯାହା କୁହନ୍ତି...



" ୨ବର୍ଷ ଧରି ସୃଜନୀ ପରିବାର ପକ୍ଷରୁ ଦାଣ୍ଡିଆ ଉତ୍ସବ ପାଳନ ହୋଇଆସୁଛି। ସହରବାସୀଙ୍କ ମଧରେ ଭାଇଚାରା ବଜାୟ ରଖିବାକୁ ଏହା ଏକ ମାଧମ। ପ୍ରତ୍ୟେକ ବର୍ଷ ନବରାତ୍ର ଉପଲକ୍ଷେ ଦାଣ୍ଡିଆ ଉତ୍ସବ ପାଳନ ହେଉଛି। ଏହି ଉତ୍ସବରେ ଅନେକ ପରିବାର ମଧ ଏକାଠି ହୋଇ ମା ଦୁର୍ଗାଙ୍କୁ ପୂଜାର୍ଚ୍ଚନା କରିଥାନ୍ତି। ଦିନକୁ ଦିନ ସହରବାସୀଙ୍କୁ ଆଗ୍ରହ ବୃଦ୍ଧି ପାଉଥିବାରୁ ଆଗାମୀ ଦିନରେ ଏହି ଉତ୍ସବ ଜାରି ରହିବ।

-ବନ୍ଦିତା ତ୍ରିପାଠୀ, ସଭାପତି,ସୃଜନୀ ପରିବାର



" ଗୁଜରାଟର ଦାଣ୍ଡିଆ ଉତ୍ସବ ବର୍ତ୍ତମାନ ଓଡିଆ ଭାଷାଭାଷୀଙ୍କ ପ୍ରିୟ ପାଲଟିଛି। ସଂଘ ପକ୍ଷରୁ ଦୀର୍ଘ ୮ ବର୍ଷ ଧରି ଦାଣ୍ଡିଆ ଉତ୍ସବ ପାଳିତ ହୋଇ ଆସୁଛି। ଚଳିତ ବର୍ଷ ମଧ ୫ ଦିନ ଏହି ଉତ୍ସବ ପାଳନ କରାଯିବ। ଦାଣ୍ଡିଆ ନୃତ୍ୟ ନିମନ୍ତେ ଆଗ୍ରହୀ ଥିବା ସହରବାସୀଙ୍କୁ ଦାଣ୍ଡିଆ ଅର୍ଥାତ ୨ଟି କାଠି ଓ ସୁସ୍ୱାଦ ଖାଦ୍ୟ ପ୍ରଦାନ କରାଯିବ। ଏଥିନିମନ୍ତେ ସ୍ୱତନ୍ତ୍ର ଫିର ମଧ ବ୍ୟବସ୍ଥା କରାଯାଇଛି।

ସୀମା ଚୌଧୁରୀ, ମାରୱାଡି ମହିଳା ସମ୍ମିଳନୀ ସଭାପତି



" ପ୍ରତିବର୍ଷ ଯୁବପିଢୀଙ୍କୁ ଦାଣ୍ଡିଆ ନୃତ୍ୟରେ ସାମିଲ କରାଯାଉଥିଲା। ଚଳିତ ବର୍ଷ ଯେ କୌଣସି ବୟସର ମହିଳା ଓ ପୁରୁଷଙ୍କୁ ଦାଣ୍ଡିଆ ଉତ୍ସବରେ ସାମିଲ ନିମନ୍ତେ ସୁଯୋଗ ଦିଆଯିବ। ଏଥିପାଇଁ ସ୍ୱତନ୍ତ୍ର ପ୍ୟାକେଜ ବ୍ୟବସ୍ଥା କରାଯାଇଛି। ଯେଉଁଥିରେ ସୁସ୍ୱାଦୁ ଖାଦ୍ୟ ସାଙ୍ଗକୁ ଦାଣ୍ଡିଆ ମଧ ପ୍ରଦାନ କରାଯିବ। କୋଭିଡ୍ ଯୋଗୁ ୨ ବର୍ଷ ଦାଣ୍ଡିଆ ଉତ୍ସବ ବନ୍ଦ ରହିଥିଲା। ଏବେ ଏହା ଆଡମ୍ବରରେ ପାଳନ କରାଯାଉଛି।

ଗଣେଶ ମିସ୍ତ୍ରୀ, ନୃତ୍ୟ ଗୁରୁ,ୱାଓ ଡ୍ୟାନ୍ସ ଗ୍ରୁପ

ସେଲ୍‌ଫି କର୍ଣ୍ଣର ଧରିତ୍ରୀ DHARITRI

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

bmpselfie@gmail.com



@ ସୁରଜିତ



@ ମନୋଜ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

### ଆଜି କ'ଣ କେଉଁଠି

ବ୍ରହ୍ମପୁର

- ରାଜ୍ୟସ୍ତରୀୟ ପାଠଚକ୍ର । ସ୍ଥାନ: ସିଟି ମହାବିଦ୍ୟାଳୟ, ସମୟ: ପୂର୍ବାହ୍ନ ସାଢ଼େ୧୧ଟା।

# ୨.୭କେଜି ସୁନା, ୨୬ ଲକ୍ଷ ଟଙ୍କା ଜବତ: ୪ଗିରଫ

## ଗୋଲ୍ଡ ଟେଷ୍ଟିଂ ସେଣ୍ଟର ଚଢ଼ାଉ ଘଟଣା

ବ୍ରହ୍ମପୁର,୩।୧୦(ସୁବାସ ଚନ୍ଦ୍ର ପାଢ଼ୀ)



ଗିରଫ ଅଭିଯୁକ୍ତମାନେ।

ଗଞ୍ଜାମ ଜିଲା ବ୍ରହ୍ମପୁରର ଏକ ଗୋଲ୍ଡ ଟେଷ୍ଟିଂ ସେଣ୍ଟର ଉପରେ ଚଢ଼ାଉ ପରେ ପୋଲିସ ବହୁ ତଥ୍ୟ ହାସଲ କରିଛି। ୨କେଜି ୭୨୮ଗ୍ରାମର ସୁନା ସହ ୨୬,୩୮, ୫୦୦ଟଙ୍କା ଜବତ କରିଛି। ଉକ୍ତ ଘଟଣାରେ ପୋଲିସ ୪ଜଣଙ୍କୁ ଗିରଫ କରିଥିବାବେଳେ ୨ଜଣଙ୍କୁ ଖୋଜା ଚାଲିଛି ବୋଲି ମଙ୍ଗଳବାର ଏକ ଖବରଦାତା ସମ୍ମିଳନୀରେ ବ୍ରହ୍ମପୁର ଏସପି ଡା.ସର୍ବଣା ବିବେକ ଏମ୍. କହିଛନ୍ତି।

ନିମଖଣ୍ଡି ଥାନା ଅନ୍ତର୍ଗତ ବିଜୟ ବିହାର ୩ୟ ଗଳିରେ ରହୁଥିବା କାଳୀ ଚରଣ ପଣ୍ଡାଙ୍କ ଘରୁ ଗତ ୨୦ ତାରିଖ ବିଳମ୍ବିତ ରାତିରେ ଚୋରି ହୋଇଥିଲା। ୪ଶହ ଗ୍ରାମରୁ ଅଧିକ ଓଜନର ସୁନା ଗହଣା ଏବଂ ୪ଶହ ଗ୍ରାମରୁ ଅଧିକ ଓଜନର ରୁପା ଗହଣା ଚୋରି ହୋଇଥିବା ନେଇ ସେ ଥାନାରେ ଏତଲା ଦେଇଥିଲେ। ଥାନା ଅଧିକାରୀ ଭାବାନନ୍ଦ ପ୍ରଧାନଙ୍କ ନେତୃତ୍ୱରେ ଏକ ସ୍ୱତନ୍ତ୍ର ଟିମ୍ ଗଠନ ହୋଇଥିଲା। ପୋଲିସ ତଦନ୍ତ ପରେ ଘଟଣାରେ ସମ୍ପୃକ୍ତି ଅଭିଯୋଗରେ ପୁରୁଣା ବ୍ରହ୍ମପୁର ନୀଳାଞ୍ଚଳ ନଗରର ସନିଆ ଗୌଡ ନାମକ ଜଣେ ଚୋରି ଅଭିଯୁକ୍ତଙ୍କୁ ଆଣି ପଚରାଉଚରା ପରେ ସବୁକିଛିର ପର୍ଦ୍ଦାଫାସ ହୋଇଛି। ସମ୍ପୃକ୍ତ ବ୍ୟକ୍ତି ଜଣେ ଫାଇନାନ୍ସ ସଂସ୍ଥାର ବ୍ରାଞ୍ଚ ମ୍ୟାନେଜରଙ୍କ ସହଯୋଗରେ ଚୋରି ସୁନାଗହଣାକୁ ଏକ ଗୋଲ୍ଡ ଟେଷ୍ଟିଂ ସେଣ୍ଟରକୁ ବିକ୍ରି କରି ଦେଇଥିଲେ। ଉକ୍ତ ସେଣ୍ଟର ସେହି ସୁନାଗହଣାକୁ ତରଲାଇ ଅନ୍ୟତ୍ର ବିକ୍ରି କରିଥିବା ନେଇ ପୋଲିସ ତଦନ୍ତ ବେଳେ ଜାଣିବାକୁ ପାଇଛି। ଫଳରେ ଉକ୍ତ ସେଣ୍ଟର ଉପରେ ଚଢ଼ଉ କରିଛି। ଚୋରି ରୁପାକୁ ମଧ ଅନ୍ୟ ଜଣଙ୍କଠାରୁ ଜବତ କରାଯାଇଛି। ସନିଆ ବିଭିନ୍ନ ଅଞ୍ଚଳରୁ ଚୋରି କରି ଆଣୁଥିବା ସୁନାକୁ ନେଇ ସାନବଜାର ଛକ ସ୍ଥିତ ଏକ ଗୋଲ୍ଡ ଟେଷ୍ଟିଂ ସେଣ୍ଟରରେ ବିକ୍ରି କରୁଥିବା ଜେରା ବେଳେ ପ୍ରକାଶ କରିଛି। ସନିଆ ଗୌଡ଼ ଚୋରି ଘଟଣାର ମାଷ୍ଟରମାଇଣ୍ଡ। ସନିଆର ବୟାନକୁ ଆଧାର କରି ପୋଲିସ ଟିମ ଉକ୍ତ ଗୋଲଡ଼ ଟେଷ୍ଟିଂ ସେଣ୍ଟରରେ ଚଢ଼ାଉ କରିଥିଲା। ଜବତ ସାମଗ୍ରୀ ମଧ୍ୟରେ ସୁନା ଗହଣା, ସୁନା ବିସ୍କୁଟ୍ ଓ ତରଳାଯାଇ ପ୍ରସ୍ତୁତ ହୋଇଥିବା ସୁନା ଖାଡ଼ି (ମୋଟ ୨କେଜି ୭୨୮ଗ୍ରାମ) ସହ ୨୬ଲକ୍ଷ ୩୮ହଜାର ୫ଶହ ଟଙ୍କା ରହିଛି। ଉକ୍ତ ସେଣ୍ଟର ମ୍ୟାନେଜରକୁ ପୋଲିସ ଗିରଫ କରିଥିଲା। ସେ ହେଲେ ସନ୍ତୋଷ ଗାଏକୱାଡ଼ (୩୦), ମହାରାଷ୍ଟ୍ରର ମୂଳ ବାସିନ୍ଦା। ଏଥିସହ ସନିଆକୁ ସହଯୋଗ କରୁଥିବା ଅଭିଯୋଗରେ ଏକ ଫାଇନାନ୍ସ ସଂସ୍ଥାର ସାନବଜାର ଛକ ସ୍ଥିତ ଶାଖା ପରିଚାଳକ ମୋହନ ପାଢ଼ୀଙ୍କୁ ମଧ ପୋଲିସ ଗିରଫ କରିଛି। ସେହିପରି ଚୋରି ରୁପା କିଣିଥିବା ଅଭିଯୋଗରେ ପୁରୁଣା ବ୍ରହ୍ମପୁର ନୂଆ ଗଉଡ଼ସାହିର ସୁରେନ୍ଦ୍ର ମହାପାତ୍ର (୩୬)ଙ୍କୁ ଗିରଫ କରିଛି।। ଚୋରିରେ ସମ୍ପୃକ୍ତ ଥିବା ଅନ୍ୟ ଦୁଇ ଅଭିଯୁକ୍ତଙ୍କୁ ଧରିବା ପାଇଁ ତଦନ୍ତ କରୁଛି। ଗତକାଲି ପୋଲିସ ୭ କେଜି ସୁନା ଜବତ କରିଥିବା କହିଥିଲା। କିନ୍ତୁ ତାହାକୁ ଓଜନ କରିବା ପରେ ତାହା ୨.୭ କେଜି ବୋଲି ପୋଲିସ କହିଛି।

## ଯୁବକଙ୍କୁ ମାଡ଼ମାରି ଲୁଟ୍

ବ୍ରହ୍ମପୁର,୩।୧୦(ସୁବାସ ଚନ୍ଦ୍ର ପାଢ଼ୀ)

ବ୍ରହ୍ମପୁର ସହରରେ ଏବେ ଲୁଟେରାଙ୍କ ଦୌରାତ୍ମ୍ୟ ବଢ଼ିବାରେ ଲାଗିଛି। ଜଣେ ଯୁବକଙ୍କୁ ମାଡମାରି ଟଙ୍କା ଓ ମୋବାଇଲ ଫୋନ୍ ଲୁଟିଥିବା ନେଇ ବଡବଜାର ଥାନାରେ ଅଭିଯୋଗ ହୋଇଛି। ପୋଲିସ ଘଟଣାର ତଦନ୍ତ କରୁଛି। ସୋମବାର ପୁରୁଣା ବ୍ରହ୍ମପୁର ନିକଟ ପନ୍ଦରା ସାହିର ଚନ୍ଦନ ପଟ୍ଟନାୟକ କୌଣସି କାମରେ ସବ୍‌ରେଜିଷ୍ଟ୍ରାର ଅଫିସ ଦେଇ ଯାଉଥିଲେ। ରାସ୍ତାରେ ୨ ଯୁବକ ତାଙ୍କୁ ଅଟକାଇଥିଲେ। ସେମାନେ ତାଙ୍କୁ ମାଡ଼ ମାରି ପକେଟରୁ ୧୫ହଜାର ଟଙ୍କା ଓ ୩ଟି ମୋବାଇଲ ଫୋନ ଛଡ଼ାଇ ନେଇ ଚମ୍ପଟ ମାରିଥିଲେ। ଦୁଇ ଲୁଟେରାଙ୍କୁ ଚନ୍ଦନ ଜାଣିଥିବା ଥାନାରେ ଦେଇଥିବା ଏତଲାରେ ଦର୍ଶାଇଛନ୍ତି। ପୋଲିସ ୩୭୦/୨୩ରେ ଏକ ମାମଲା ରୁଜୁ କରି ଲୁଟେରାଙ୍କୁ ଧରିବା ପାଇଁ ବିଭିନ୍ନ ସ୍ଥାନରେ ଚଢ଼ାଉ କରୁଛି।

## ଶାଳୀଙ୍କୁ ବଳାତ୍କାର, ଭିଣୋଇ ଗିରଫ

ଗୋପାଳପୁର,୩।୧୦(ନବୀନ ରାଜ ଆଚାରୀ)

ଗୋଳନ୍ଥରା ଥାନା ଅଞ୍ଚଳରେ ଶାଳୀଙ୍କୁ ବଳାତ୍କାର କରିବା ଅଭିଯୋଗରେ ଭିଣୋଇଙ୍କୁ ମଙ୍ଗଳବାର ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ସେ ହେଲେ ବି. ରାଜା ରାଓ (୪୦)। ରାଜା ରାଓଙ୍କ ଘରେ ତାଙ୍କ ଶାଳୀ ରହୁଥିଲେ। ପରିବାର ଲୋକ ନ ଥିବାର ସୁଯୋଗ ନେଇ ୪ ମାସ ହେଲା ସେ ଶାଳୀଙ୍କୁ ନିଶା ଦେଇ ବାରମ୍ବାର ବଳାତ୍କାର କରୁଥିଲେ। ଶାଳୀ ବିରୋଧ କଲେ ଧମକ ଦେଉଥିଲେ। ଗତ ୧୫ ରାତିରେ ରାଜାରାଓ ପୁଣି ବଳାତ୍କାର ଉଦ୍ୟମ କରିବାରୁ ଶାଳୀ ଏଥିରେ ଅତିଷ୍ଠ ହୋଇ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ୪୯୦/୨୩ରେ ମାମଲା ରୁଜୁ କରି ତଦନ୍ତ ଚଳାଇଥିଲା। ମଙ୍ଗଳବାର ରାଜା ରାଓ କନିଷିରେ ଥିବା ଖବର ପାଇ ପୋଲିସ ଚଢ଼ାଉ କରି ତାଙ୍କୁ କାବୁ କରିଥିଲା। ବ୍ରହ୍ମପୁର ବଡ଼ ମେଡିକାଲରେ ଅଭିଯୁକ୍ତ ଓ ପୀଡ଼ିତାଙ୍କ ଡାକ୍ତରୀମାଇନା କରାଯାଇଥିଲା। ସନ୍ଧ୍ୟାରେ ରାଜା ରାଓଙ୍କୁ କୋର୍ଟ ଚାଲାଣ କରାଯାଇଛି। ବିଚାରପତିଙ୍କ ସମ୍ମୁଖରେ ପୀଡ଼ିତାଙ୍କ ବୟାନ ରେକର୍ଡ କରାଯାଇଛି।

# ଏସ୍‌ପିଙ୍କୁ ଭେଟିବାକୁ ଗଲେ ଧାରଣାରତ ମହିଳା

ଆସିକା,୩।୧୦(ସୁରେନ୍ଦ୍ରନାଥ ସାହୁ)

ଆସିକା ଏନ୍‌ଏସିର ତାଲୁକା ଛକ ନିକଟସ୍ଥ ବ୍ଲକ କଲୋନୀସ୍ଥିତ ଶ୍ୱଶୁର ଘର ବାରଣ୍ଡାରେ ପଦ୍ମିନୀ ସ୍ୱାଇଁ ନିଜର ୨ ଶିଶୁପୁତ୍ରଙ୍କ ସହ ସୋମବାରଠାରୁ ଧାରଣାରେ ବସିଛନ୍ତି । ନିଜ ହକ୍ ପାଇଁ ସେ ଧାରଣା ଦେଇଥିବା ବେଳେ ମଙ୍ଗଳବାର ଜଣେ ମାନବିକ ଅଧିକାର କର୍ମୀ ପହଞ୍ଚି ତାଙ୍କ ସହ ଆଲୋଚନା କରିଥିଲେ। ପରେ ପଦ୍ମିନୀ ସଂପୃକ୍ତ ମାନବିକ ଅଧିକାର କର୍ମୀ ଓ ପରିବାର ସଦସ୍ୟଙ୍କ ସହ ଗଞ୍ଜାମ ଏସପିଙ୍କୁ ଭେଟିବାକୁ ଯାଇଥିବା ସୂଚନା ମିଳିଛି। ତେବେ ଏ ସମ୍ପର୍କରେ ଆସିକା ପୋଲିସ ପାଖରେ କୌଣସି ସ୍ପଷ୍ଟ ସୂଚନା ନ ଥିବା ଥାନା ଅଧିକାରୀ ସ୍ୱରୂପ କିସନ କହିଛନ୍ତି ।

ସୂଚନାଯୋଗ୍ୟ, ୨୦୧୫ରୁ ପଦ୍ମିନୀ ବ୍ଲକ କଲୋନୀର ମହେଶ ସ୍ୱାଇଁଙ୍କୁ ବିବାହ କରିଥିଲେ ମଧ ଶ୍ୱଶୁର ଘର ଲୋକେ ତାଙ୍କୁ ଘରେ ପୁରାଇ ଦେଉ ନ ଥିବା ଏବଂ ମହେଶ ଅନ୍ୟ ଜଣେ ଯୁବତୀଙ୍କୁ ଦ୍ୱିତୀୟ ବିବାହ କରିଥିବା ଅଭିଯୋଗ କରି ପଦ୍ମିନୀ ଧାରଣା ଦେଇଛନ୍ତି । ପୋଲିସ ପଦ୍ମିନୀଙ୍କ ଅଭିଯୋଗକ୍ରମେ ତାଙ୍କ ସ୍ୱାମୀ, ଶାଶୁ, ଶ୍ୱଶୁରଙ୍କ ବିରୋଧରେ ଆସିକା ଥାନାରେ ଯୌତୁକ ନିର୍ଯାତନା ମାମଲା ରୁଜୁ କରାଯାଇଥିଲା। ପରେ ନାବାଳିକାଙ୍କୁ ପରିବାରର ଇଚ୍ଛା ବିରୋଧରେ ଉଠାଇ ଆଣିଥିବା ଅଭିଯୋଗରେ ଅନ୍ୟ ଏକ ମାମଲା ମଧ ରୁଜୁ ହୋଇଛି। ଶ୍ୱଶୁର ରବିବାର ଆସିକା ଥାନାରେ ପଦ୍ମିନୀ ଜୋରଜବରଦସ୍ତ ଘରେ ପଶି ପରିବାର ସଦସ୍ୟଙ୍କୁ ଗାଳିଗୁଲଜ କରିବା ସହ ବିଶୃଙ୍ଖଳା ସୃଷ୍ଟି କରିଥିବା ନେଇ ଏକ ଅଭିଯୋଗ ଆସିକା ପୋଲିସରେ ଦେଇଥିଲେ । ଏହାକୁ ଭିତ୍ତିକରି ପଦ୍ମିନୀଙ୍କ ବିରୋଧରେ ମଧ ଆସିକା ଥାନାରେ ୫୯୩/୨୩ରେ ଏକ ମାମଲା ରୁଜୁ କରାଯାଇଛି ।

## ଜାତୀୟ ବିଜ୍ଞାନ କଂଗ୍ରେସ ପାଇଁ ୨ଛାତ୍ର ମନୋନୀତ

ପାରଳାଖେମୁଣ୍ଡି, ୩।୧୦

ପାରଳାଖେମୁଣ୍ଡିସ୍ଥିତ ମହାରାଜାଙ୍କ ବାଳକ ଉଚ୍ଚ ବିଦ୍ୟାଳୟର ଦୁଇ ଛାତ୍ର ୩୫ତମ ଜିଲାସ୍ତରୀୟ ଜାତୀୟ ବିଜ୍ଞାନ କଂଗ୍ରେସରେ ଯୋଗଦେବେ। ସେମାନେ ହେଲେ ସୁଶୀଲ କୁମାର ବିଶ୍ୱାଳ ଓ ଟିଆଲୁ ଅନନ୍ତ। ଅକ୍ଟୋବର ୧୩ରେ କାଶୀନଗର ବ୍ଲକ ଖାରଡ଼ା ଗ୍ରାମରେ ଆୟୋଜିତ ଏହି କାର୍ଯ୍ୟକ୍ରମ ପାଇଁ ପ୍ରକଳ୍ପ ପ୍ରସ୍ତୁତି କାର୍ଯ୍ୟକ୍ରମ ଚାଲିଛି। ପ୍ରଧାନ ଶିକ୍ଷୟିତ୍ରୀ ମୋନାଲିସା ଦାସଙ୍କ ତତ୍ତ୍ୱାବଧାନରେ ଓ ଶିକ୍ଷୟିତ୍ରୀ ସସ୍ମିତା ମିଶ୍ରଙ୍କ ସହଯୋଗରେ ଦୁଇ ଛାତ୍ର ତାପମାତ୍ରା ବୃଦ୍ଧି ଜନିତ ସମସ୍ୟା ଓ ଏହାର ପ୍ରତିହତ ଦିଗରେ ଉଦ୍ୟମ ସମ୍ବଳିତ ପ୍ରକଳ୍ପ ପ୍ରସ୍ତୁତି କରୁଛନ୍ତି।

## କଳା ଦିବସ ପାଳିଲା କେନ୍ଦ୍ରୀୟ ଶ୍ରମିକ ସଙ୍ଗଠନ




ବିକ୍ଷୋଭ ସମାବେଶରେ କେନ୍ଦ୍ରୀୟ ଶ୍ରମିକ ସଂଗଠନର ନେତା ଓ କର୍ମୀ

ବ୍ରହ୍ମପୁର,୩।୧୦(ନରସିଂହ ସାହୁ)

କେନ୍ଦ୍ରୀୟ ଶ୍ରମିକ ଓ କୃଷକ ସଂଗଠନ ପକ୍ଷରୁ ମଙ୍ଗଳବାର ବ୍ରହ୍ମପୁର ପୁରୁଣା ବସଷ୍ଟାଣ୍ଡ ନିକଟରେ କଳା ଦିବସ ପାଳନ କରାଯିବା ସହ ଗଣ ବିକ୍ଷୋଭ ସମାବେଶ ହୋଇଛି। କେନ୍ଦ୍ରର ମୋଦୀ ସରକାରଙ୍କ କଳା କୃଷି ଆଇନ ବାତିଲ ଦାବିରେ ୩ବର୍ଷ ତଳେ ଆଜିର ଦିନରେ ଲକ୍ଷ୍ମୀପୁର ଖେରୀଠାରେ କୃଷକଙ୍କ ଶାନ୍ତିପୂର୍ଣ୍ଣ ଆନ୍ଦୋଳନ ଚାଲିଥିବା ବେଳେ କେନ୍ଦ୍ରମନ୍ତ୍ରୀ ଅଜୟ ମିଶ୍ରାଙ୍କ ପୁଅ ଗାଡ଼ି ଚଢ଼ାଇ ହତ୍ୟା କରିଥିଲେ। ସେହି ଶହୀଦମାନଙ୍କ ପାଇଁ କଳା ଦିବସ ପାଳନ କରାଯାଇଛି। ଆଇଏନଟିୟୁସି ଗଞ୍ଜାମ ଜିଲା ସଭାପତି ତଥା ପିସିସି ମୁଖପାତ୍ର ପୀତବାସ ପଣ୍ଡା, ସିଆଇଟିୟୁ ନେତା ତଥା ସିପିଏମ ଜିଲା ସମ୍ପାଦକ ଯୁଧିଷ୍ଠିର ବେହେରା ଓ ଏଆଇଟିୟୁସି ନେତା ତଥା ସିପିଆଇ ଜିଲା ସମ୍ପାଦକ ପ୍ରକାଶ ପାତ୍ର ଆନ୍ଦୋଳନର ନେତୃତ୍ୱ ନେଇଥିଲେ। ହତ୍ୟାକାରୀ ଓ ଅନ୍ୟ ଅପରାଧୀଙ୍କୁ କେନ୍ଦ୍ର ସରକାର ଘଣ୍ଟ ଘୋଡ଼ାଇଥିବା ସମାବେଶରେ ଅଭିଯୋଗ କରାଯାଇଥିଲା। କେନ୍ଦ୍ରମନ୍ତ୍ରୀ ପରିଷଦରୁ ଅଜୟ ମିଶ୍ରାଙ୍କୁ ତୁରନ୍ତ ବହିଷ୍କାର ପାଇଁ ସମାବେଶରେ ଦାବି କରାଯାଇଛି।

ଚାଷୀ ଆନ୍ଦୋଳନ ସହ ସରକାରଙ୍କ ହୋଇଥିବା ଚୁକ୍ତି ଅନୁସାରେ ଏମଏସପି ପାଇଁ କେନ୍ଦ୍ର ସରକାର ସ୍ୱତନ୍ତ୍ର ଆଇନ ପ୍ରଣୟନ କରାଯିବ ଏବଂ ଚାଷୀଙ୍କୁ ପେନସନ ଯୋଜନାରେ ଅନ୍ତର୍ଭୁକ୍ତ କରି ମାସିକ ୧୦ ହଜାର ଟଙ୍କା ଦେବା, ଶ୍ରମିକ ବିରୋଧୀ ଶ୍ରମ କୋର୍ଡ ବାତିଲ କରିବାକୁ ମଧ ଦାବି କରାଯାଇଥିଲା। ବିକ୍ଷୋଭରେ ହରିକୃଷ୍ଣ ରେଡ଼ି, ପ୍ରତାପ ଚୌଧୁରୀ, ବାବୁଲା ନାୟକ, କାମଦେବ ନାହାକ, ଶିବ ପ୍ରସାଦ ମହାପାତ୍ର, ସିପିଆଇ ନେତା ନୀଳକଣ୍ଠ ଦାସ, ପ୍ରବୀଣ ଦାସ, ମହମ୍ମଦ ଉସମାନଙ୍କ ସମେତ ସତ୍ୟ ନାରାୟଣ ତ୍ରିପାଠୀ, ପ୍ରତାପ ପ୍ରଧାନ ଓ ଅବନୀ ଗୟା ପ୍ରମୁଖ ଯୋଗ ଦେଇଥିଲେ। ଅନେକ ଶ୍ରମିକ ଓ ଚାଷୀ ଉପସ୍ଥିତ ଥିଲେ।

## ମହାନଗରର ସବୁ ୱାର୍ଡରେ ବୁଲିବ ଟିଫା ମେଶିନ

ବ୍ରହ୍ମପୁର,୩।୧୦(ସ୍ମୃତି ରଞ୍ଜନ ମହାଲିକ)

ବ୍ରହ୍ମପୁର ସହରରେ ମଶାଙ୍କ ପ୍ରାଦୁର୍ଭାବ ବଢ଼ିବାରେ ଲାଗିଛି। ମଶା ବୃଦ୍ଧି କାରଣରୁ ସହରବାସୀ ଡେଙ୍ଗୁ ଓ ମ୍ୟାଲେରିଆ ଭଳି ଜ୍ୱରରେ ପଡୁଛନ୍ତି। ବ୍ରହ୍ମପୁର ମହାନଗର ନିଗମ (ବିଏମସି) ପକ୍ଷରୁ ମଶା ବଂଶ ନିପାତ ପାଇଁ ଡ୍ରେନ୍ ଗୁଡିକରେ ମଶାମରା ତେଲ ସିଞ୍ଚନ କରାଯାଉଛି। ତଥାପି ମଶା ଉପଦ୍ରବ କମୁନାହିଁ। ବିଗତ ଦିନରେ ସହରବାସୀଙ୍କ ବାରମ୍ବାର ଦାବି ପରେ ବିଭିନ୍ନ ୱାର୍ଡରେ ଟିଫା ମେଶିନ ବୁଲିଥିଲା। କିନ୍ତୁ ସମସ୍ତ ୱାର୍ଡରେ ଟିଫା ମେଶିନ ବୁଲିବା ସଂପୂର୍ଣ୍ଣ ହୋଇପାରି ନ ଥିଲା। ଏବେ ପୁଣି ସମସ୍ତ ୪୨ଟି ୱାର୍ଡରେ ଟିଫା ମେଶିନ ବୁଲିବା ନେଇ ବିଏମସିର ଚିଠି (ନଂ ୧୩୫୩୦)ରେ ଦର୍ଶାଯାଇଛି। ସବୁ ୱାର୍ଡରେ ଦିନକୁ ୨ ଥର ଲେଖାଏ ଟିଫା ମେଶିନ ବୁଲିବ। ଆସନ୍ତା ୩୧ ତାରିଖ ଯାଏଁ ସମସ୍ତ ୱାର୍ଡରେ ଟିଫା ମେଶିନ ବୁଲିବ ବୋଲି ସୂଚନା ଦିଆଯାଇଛି।

## ପୂର୍ବତନ ମେୟର, ସହଯୋଗୀଙ୍କ ବିରୋଧରେ ମାମଲା

ବ୍ରହ୍ମପୁର,୩।୧୦(ସୁବାସ ଚନ୍ଦ୍ର ପାଢ଼ୀ)

- ଜାତିଆଣ ମନ୍ତବ୍ୟ ଦେଇ ଗାଳିଗୁଲଜ ଅଭିଯୋଗ
- ବୋମାମାଡ଼ ଘଟଣାକୁ ନେଇ ଏସ୍‌ପିଙ୍କୁ ଭେଟିଲେ ପିଣ୍ଟୁ

ବ୍ରହ୍ମପୁର ପୂର୍ବତନ ମେୟର ଶିବଶଙ୍କର ଦାଶ(ପିଣ୍ଟୁ)ଙ୍କ ବିରୋଧରେ ଆପରାଧିକ ମାମଲା ରୁଜୁ ହୋଇଛି। ପିଣ୍ଟୁଙ୍କ ସହ ତାଙ୍କ ବାପା ଖଲି ଦାଶ ଓ ଅନ୍ୟ ୬ଜଣ ସହଯୋଗୀ ଜାତିଆଣ ମନ୍ତବ୍ୟ ଦେଇଥିବା ଶାସ୍ତ୍ରୀ ନଗର ୩ୟ ଲାଇନର ଦୀପକ ସେଠୀ ଗୋଷାଣିନୂଆଗାଁ ଥାନାରେ ଅଭିଯୋଗ କରିଛନ୍ତି। ଏ ନେଇ ୩୦୦/୨୩ରେ ମାମଲା ରୁଜୁ ହୋଇଛି।

ଦୀପକ ଅଭିଯୋଗରେ ଦର୍ଶାଇଛନ୍ତି, ଗତ ୩୦ ତାରିଖରେ ତାଙ୍କ ସାଙ୍ଗଙ୍କ ବାପାଙ୍କ ଦେହାନ୍ତ ହେବାରୁ ସେ ଶାଳିଆବନ୍ଧ ସାହିକୁ ଯାଇଥିଲେ। ଅପରାହ୍ନ ପ୍ରାୟ ୨ଟାରେ ପିଣ୍ଟୁ ଦାସ ଓ ତାଙ୍କ ସହଯୋଗୀମାନେ ଅଟକାଇ ଜାତିଆଣ ମନ୍ତବ୍ୟ ଦେଇ ଗାଳିଗୁଲଜ କରିଥିଲେ। ଧମକ ଦେଇ ୨ ଘଣ୍ଟା ରଖି ମାରପିଟ କରିବା ସହ ରୁପା ଚେନ୍ ଛଡ଼ାଇ ନେଇଥିଲେ। ଧଳା କାଗଜରେ ଜୋରଜବରଦସ୍ତ ତାଙ୍କ ଦସ୍ତଖତ ନେଇଥିବା ଦୀପକ ଅଭିଯୋଗ କରିଛନ୍ତି। ପୋଲିସ ଏହାର ତଦନ୍ତ ଆରମ୍ଭ କରିଛି। ଅନ୍ୟପକ୍ଷରେ ଗତ ୨୯ତାରିଖ ରାତିରେ ପିଣ୍ଟୁ ଘରକୁ ଫେରୁଥିବା ବେଳେ ଗୋଷାଣି ନୁଆଗାଁ ବଡ଼ ସାହିରେ ତାଙ୍କ ଗାଡି ଉପରକୁ ବୋମାମାଡ଼ ହୋଇଥିଲା। ପିଣ୍ଟୁ ଅଳ୍ପକେ ବର୍ତ୍ତିଯାଇଥିଲେ। ଏ ନେଇ ଗୋଷାଣିନୁଆଗାଁ ଥାନାରେ ସେ ଏତଲା ଦେଇଛନ୍ତି। ଅଭିଯୁକ୍ତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ମଙ୍ଗଳବାର ସେ ବ୍ରହ୍ମପୁର ଏସ୍‌ପି ଡ. ସର୍ବଣା ବିବେକ ଏମ୍.ଙ୍କୁ ଭେଟିଥିଲେ। ଯେଉଁମାନେ ଜମି ଦୁର୍ନୀତିରେ ଅଛନ୍ତି ସେମାନଙ୍କୁ ଗିରଫ କରିବାକୁ ସେ ଏସପିଙ୍କୁ ଜଣାଇଛନ୍ତି। ପିଣ୍ଟୁ ଓ ତାଙ୍କ ବିପକ୍ଷ ଗୋଷ୍ଠୀଙ୍କ ଭିତରେ ଛକାପଞ୍ଝା ଲାଗି ରହିଥିବା ବେଳେ ୨ଟି ଅପରାଧିକ ମାମଲା ରୁଜୁ ହୋଇଛି। ପିଣ୍ଟୁ କହିଛନ୍ତି, ଯେଉଁମାନେ ଦୋଷୀ ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ହେଉ ।

# ୫ ଜିଲାରୁ ଯିବେ ୧ ହଜାର ତୀର୍ଥଯାତ୍ରୀ

ଛତ୍ରପୁର,୩।୧୦(ସନ୍ତୋଷ ପାଢ଼ୀ/ଦିଲୀପ ସାମଲ)

ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଯୋଜନାରେ ଗଞ୍ଜାମ, ଗଜପତି, କନ୍ଧମାଳ, ବୌଦ୍ଧ ଓ ନୟାଗଡ଼ ଜିଲାର ବରିଷ୍ଠ ନାଗରିକମାନେ ତୀର୍ଥ କରିବାକୁ ଯିବେ। ଉକ୍ତ ୫ ଜିଲାର ୧ ହଜାର ବରିଷ୍ଠ ନାଗରିକ ଏଥିରେ ସାମିଲ ହେବେ। ବ୍ରହ୍ମପୁର ରେଲୱେ ଷ୍ଟେଶନରୁ ଦେଶର ବିଭିନ୍ନ ତୀର୍ଥ ସ୍ଥାନ ଭ୍ରମଣ କରିବେ। ପ୍ରଥମ ତୀର୍ଥଯାତ୍ରା ଅକ୍ଟୋବର ୩୧ରୁ ଆରମ୍ଭ ହୋଇ ନଭେମ୍ବର ୫ରେ ଶେଷହେବ। ଏହି ସମୟରେ କନ୍ୟାକୁମାରୀ ଓ ତ୍ରିଭେନ୍ଦ୍ରମକୁ ତୀର୍ଥଯାତ୍ରୀ ଯିବେ। ଗଞ୍ଜାମ ଜିଲାରୁ ୫୪୮ ଜଣ, ଗଜପତିରୁ ୯୦, କନ୍ଧମାଳରୁ ୧୧୪, ବୌଦ୍ଧରୁ ୬୮ ଓ ନୟାଗଡରୁ ୧୫୦ ଜଣ ଯାତ୍ରା କରିବେ। ସେହିପରି ଦ୍ୱିତୀୟ ତୀର୍ଥଯାତ୍ରା ଜାନୁଆରୀ ୧୭ରୁ ଆରମ୍ଭ ହୋଇ ୨୨ରେ ଶେଷହେବ। ଏହି ସମୟରେ ବାରଣାସୀ ଓ ପ୍ରୟାଗରାଜ ସ୍ଥାନକୁ ତୀର୍ଥଯାତ୍ରୀ



ବୈଠକରେ ଆଲୋଚନା ଚାଲିଛି।

ଯିବେ। ଏଥିପାଇଁ ୩୦ ଜଣ ଏସ୍କର୍ଟ ଅଫିସର ନିଯୁକ୍ତ ହୋଇଛନ୍ତି। ଏନେଇ ଜିଲାପାଳ ଦିବ୍ୟଜ୍ୟୋତି ପରିଡାଙ୍କ ଅଧକ୍ଷତାରେ ଏକ ବୈଠକ ଜିଲାପାଳଙ୍କ ସମ୍ମିଳନୀ ଗୃହରେ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। କିଭଳି ସୁରୁଖୁରୁରେ ଏହା ସମାପନ ହେବ ସେ ଉପରେ ଜିଲାପାଳ ଗୁରୁତ୍ୱାରୋପ କରିଥିଲେ। ତୀର୍ଥଯାତ୍ରୀମାନେ ଗୋଟିଏ ଦିନ ପୂର୍ବରୁ ବ୍ରହ୍ମପୁର ଆସିବେ। ଏଥିପାଇଁ ବ୍ରହ୍ମପୁର ଷ୍ଟେସନଠାରେ ପାଣି, ପାଇଖାନା ଆଦି ଆନୁସଙ୍ଗିକ ବ୍ୟବସ୍ଥା କରିବାକୁ କୁହାଯାଇଛି। ମେଡିକାଲ ଟିମ ମଧ ନିୟୋଜିତ ରହିବେ ବୋଲି କୁହାଯାଇଛି। ଏହି ବୈଠକରେ ଅତିରିକ୍ତ ଜିଲାପାଳ ଦେବବ୍ରତ ସାହୁ, ଉପଜିଲାପାଳ ଆଶୁତୋଷ କୁଲକର୍ଣ୍ଣୀ, ଆରଟିଓ ମାନସ ରଞ୍ଜନ ସାହୁ, ପର୍ଯ୍ୟଟନ ଅଧିକାରୀ ବିନୋଦ ବେହେରା, ଜିଲା ସଂସ୍କୃତି ଅଧିକାରୀ, ବିଡ଼ିଓ ଓ ନିର୍ବାହୀ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ।

